# ଡି.ଏ.ଭି ପବ୍ଲିକ ସ୍କୁଲସମୂହ, ଓଡ଼ିଶାଜୋନ୍

## ନମୁନା ପ୍ରଶ୍ନ – ୧

## ପ୍ରଥମ ସାମୟିକ ପରୀକ୍ଷା (୨୦୨୩ -୨୦୨୪ )

ଶ୍ରେଣୀ – ଅଷ୍ଟମ | ପୂର୍ଣ୍ଣସଂଖ୍ୟା – ୪୦

ବିଷୟ – ଉଚ୍ଚତର ଓଡ଼ିଆ | ସମୟ-୧ଘ : ୩୦ମି

- ପ୍ରଶ୍ନପତ୍ରରେ ସମୁଦାୟ ୨ଟି ମୁଦ୍ରିତ ପୃଷ୍ଠା ଅଛି |
- ଏହି ପ୍ରଶ୍ନପତ୍ରରେ ୪ଟି ବିଭାଗ ଓ ୭ଟି ମୁଦ୍ରିତ ପ୍ରଶ୍ନ ରହିଛି |
- ପରୀକ୍ଷା ନିର୍ଘଣ୍ଟ ସମୟର ୧୦ ମିନିଟ୍ ପୂର୍ବରୁ ପ୍ରଶ୍ନପତ୍ର ବିତରଣ କରାଯିବ |
- ବିଦ୍ୟାର୍ଥୀଗଣ ଏହି ୧୦ମିନିଟ୍ ସମୟକୁ କେବଳ ପ୍ରଶ୍ନ ପଢ଼ିବା ନିମନ୍ତେ ବିନିଯୋଗ କରିବେ କିନ୍ତୁ ଉତ୍ତର ପୁସ୍ତିକାରେ କିଛି ଲେଖିବେ ନାହିଁ |
- ଉତ୍ତର ଲେଖିବା ପୂର୍ବରୁ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଉତ୍ତରଖାତାର ବାମ ପାର୍ଶ୍ୱରେ ଠିକ୍ ଭାବରେ ଲେଖାଯିବ |

### 'କ' ବିଭାଗ – ପଠନ (୫)

୧)ଅନୁଚ୍ଛେଦଟିକୁ ପଢ଼ି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ| (୧X୫ =୫)

ସେ ଥିଲେ ଭାରତୀୟ ହକିର ଚାନ୍ଦ । ବିଶ୍ୱ ହକିର ଉଜ୍ଜ୍ୱଳ ତାରକା । ଚାନ୍ଦିନୀ ରାତିରେ ଅଭ୍ୟାସ କରିବାର ନିଶା ପାଇଁ ସାଥୀ ଖେଳାଳୀମାନେ ନାଁ ରଖିଥିଲେ ଧ୍ୟାନଚାନ୍ଦ । ଅଖଣ୍ଡ ଭାରତର ଏହି ରତ୍ନ କେବଳ ମାତ୍ର ଜଣେ ଖେଳାଳୀ ନ ଥିଲେ, ସେ ଥିଲେ ହକି ପଡ଼ିଆର ରହସ୍ୟମୟ ଯାଦୁକର। ଅସାଧାରଣ ଷ୍ଟିକ୍ ଚାଳନା, ବିଚକ୍ଷଣ ବଲ ନିୟନ୍ତ୍ରଣ ଓ ଗୋଲ୍ ବର୍ଷାର ଅବିଶ୍ୱସନୀୟ କଳା ପାଇଁ କ୍ରୁର ହିଟଲର ବି ତାଙ୍କ ପ୍ରଶଂସକ ପାଲଟି ଯାଇଥିଲେ । ଇଂରେଜ ଅମଳଠାରୁ ଆରମ୍ଭ କରି ସ୍ୱାଧୀନ ଭାରତ ପର୍ଯ୍ୟନ୍ତ ଦୀର୍ଘ ଅଢ଼େଇ ଦଶନ୍ଧି ଧରି ଧ୍ୟାନଚାନ୍ଦ ଥିଲେ ଭାରତୀୟ ହକିର ଅପ୍ରତିଦ୍ୱନ୍ଦୀ ନାୟକ । ବ୍ରିଟିଶ ଇଣ୍ଡିଆ ଓ ସ୍ୱାଧୀନ ଭାରତର ପ୍ରତିନିଧିତ୍ୱ କରି ୧୮୫ ମ୍ୟାଚରୁ ସେ କରିଥିଲେ ୫୭୦ ଗୋଲ୍ । ୧୯୨୮ରୁ ୧୯୩୬ ମଧ୍ୟରେ ଭାରତ ଲଗାତାର ତିନିଟି ଅଲମ୍ପିକ ସ୍ୱର୍ଣ୍ଣ ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଧ୍ୟାନଚାନ୍ଦ । ଭାରତୀୟ ହକିର ସେହି ପ୍ରବାଦ ପୁରୁଷ ଧ୍ୟାନଚାନ୍ଦଙ୍କ ସମ୍ମାନାର୍ଥେ ତାଙ୍କ ଜନ୍ମଦିବସ ଅର୍ଥାତ୍ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳିତ କରାଯାଉଛି ।

କ) ଭାରତୀୟ ହକିର ଅପ୍ରତିଦ୍ୱନ୍ଦୀ ତାରକା କିଏ ?

ଖ) ଧ୍ୟାନଚାନ୍ଦଙ୍କ ନାମ ପଛର ରହସ୍ୟ କ'ଣ ?

ଗ) ଜାତୀୟ କ୍ରୀଡ଼ା ଦିବସ କେବେ ଓ କାହିଁକି ପାଳନ କରାଯାଏ ?

ଘ) ଧ୍ୟାନଚାନ୍ଦ ସମୁଦାୟ କେତୋଟି ଗୋଲ କରିଥିଲେ ?

ଙ) 'ପରାଧୀନ'ର ବିପରୀତ ଶବ୍ଦଟି ଅନୁଚ୍ଛେଦରୁ ଖୋଜି ଲେଖ |

## 'ଖ' ବିଭାଗ - ଲିଖନ (୫)

୨) ୧୦୦ରୁ ୧୨୦ ଶବ୍ଦ ମଧ୍ୟରେ ଅନୁଚ୍ଛେଦଟିକୁ ଲେଖ | (୧X୫=୫)

'ବନୀକରଣ'

## 'ଗ' ବିଭାଗ – ବ୍ୟାକରଣ (୧୦ )

୩) ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

କ) i) ଓଡ଼ିଆ ଭାଷାରେ ସ୍ୱର ବର୍ଣ୍ଣର ସଂଖ୍ୟା କେତେ ? (୧x ୩ =୩)

ii) ଓଡ଼ିଆ ଭାଷାରେ ବ୍ୟଞ୍ଜନ ବର୍ଣ୍ଣର ସଂଖ୍ୟା କେତେ?

iii) ବ୍ୟଞ୍ଜନ ବର୍ଣ୍ଣକୁ କେତେ ଭାଗରେ ବିଭକ୍ତ କରାଯାଇଛି?

ଖ) i) ଆଚାର୍ଯ୍ୟଙ୍କୁ ଭକ୍ତିପୂତ ପ୍ରଣାମ l (ରେଖାଙ୍କିତ ପଦଟି କେଉଁ ଲିଙ୍ଗ ) (୧x ୩ =୩)

ii) ଖରାରେ ନଈଗୁଡ଼ାକ ଶୁଖିଗଲାଣି l (ରେଖାଙ୍କିତ ପଦଟି କେଉଁ ବଚନ)

iii) ଆପଣ ପୁସ୍ତକଟି ପଢ଼ିବେ l (ରେଖାଙ୍କିତ ପଦଟି କେଉଁ ପୁରୁଷ)

ଗ) ତତ୍ସମ ଶବ୍ଦକୁ ତଦ୍ଭବ ଶବ୍ଦରେ ପରିଣତ କର । (୧x ୪=୪)

i ) ସର୍ପ ___ ii) ଗୃହିଣୀ _____ iii) ମସ୍ତକ __ iv) ନୃତ୍ୟ ___

## 'ଘ' ବିଭାଗ – ସାହିତ୍ୟ (୨୦)

୪) ସପ୍ରସଙ୍ଗ ସରଳାର୍ଥ ଲେଖl (୫x ୧ =୫ )

କ) "ଧନ୍ୟ ଜୀବନ ଏହାଙ୍କର

ଜୀବିକା ହୋନ୍ତି ପ୍ରାଣୀଙ୍କର l"

(କିମ୍ବା)

ଖ) ସତ୍ୟବାଦୀ ସ୍କୁଲରେ ରୋଗୀ ସେବା କରିବା ତାଲିମ ପାଇଥିଲି,ତାହା ହିଁ କାର୍ଯ୍ୟରେ ଲଗାଇଲି l

୫) ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ l (୨ x ୩ = ୬ )

କ) ସୁଦର୍ଶନ ପ୍ରହରାଜଙ୍କର ବ୍ୟକ୍ତିତ୍ୱ କିପରି ଥିଲା ?

ଖ) ବୃକ୍ଷକୁ ସୁଜନ ବା ଭଲ ମଣିଷଙ୍କ ସହିତ ତୁଳନା କରାଯାଇଛି କାହିଁକି ?

ଗ) ସତ୍ୟବାଦୀ ବିଦ୍ୟାଳୟରେ ଛାତ୍ରମାନଙ୍କୁ  ରୋଗୀସେବା କାହିଁକି ଶିକ୍ଷା ଦିଆଯାଉଥିଲା ?

୬) ନିମ୍ନ ପ୍ରଶ୍ନଗୁଡ଼ିକ ପଢ଼ି ଠିକ ଉତ୍ତରଟିକୁ ବାଛି ଲେଖ । (୧x ୪ = ୪)

କ) 'ବୃକ୍ଷମାହାତ୍ମ୍ୟ' କବିତାର କବି କିଏ ?

i) ଉଦୟନାଥ ଷଡ଼ଙ୍ଗୀ   ii) ଜଗନ୍ନାଥ ଦାସ   iii) ଫକୀରମୋହନ ସେନାପତି   iv) ଗଙ୍ଗାଧର ମେହେର

ଖ) ଦାମୋଦର କିଏ ?

i) ଶ୍ରୀକୃଷ୍ଣଙ୍କ ସଖା   ii) ଦଉଡ଼ି   iii) ଶ୍ରୀକୃଷ୍ଣ   iv) ବଳରାମ

ଗ) ୧୯୨୨ ମସିହାରେ କେଉଁଠାରେ ହଇଜା ବ୍ୟାପିଥିଲା ?

i) ବାଲେଶ୍ୱରରେ   ii) ଢେଙ୍କାନାଳରେ   iii) ପୁରୀରେ   iv) ଅଳକା ଆଶ୍ରମ ପାଖରେ

ଘ) ଲେଖକ କେଉଁଠାରୁ ରୋଗୀ ସେବା ଶିକ୍ଷା କରିଥିଲେ ?

i) ସତ୍ୟବାଦୀ ସ୍କୁଲରୁ ii) କଟକରୁ   iii) ଗ୍ରାମ ଚାଟଶାଳୀରୁ iv) କଲିକତାରୁ

୭) ଗୋଟିଏ ବାକ୍ୟରେ ଉତ୍ତର ଲେଖ । (୧ x ୫ =୫ )

କ)  ନଅ  ଟଙ୍କା ଦରମାରେ ହରି ସିଂହ କିପରି ଗୁଜୁରାଣ ମେଣ୍ଟାଉ ଥିଲେ ?

ଖ) ଗୋପାଳ ବାବୁ କେଉଁଠାରେ ପ୍ରଥମେ ନିଯୁକ୍ତ ହେଲେ ?

ଗ) ଉପରିସ୍ଥ ହାକିମମାନେ ହରି ସିଂହଙ୍କୁ କାହିଁକି ଆଦର କରୁଥିଲେ ?

ଘ) ଗୋପାଳ ବାବୁ ବାପାଙ୍କୁ ଘୃଣା କରିବାକୁ ଲାଗିଲେ କାହିଁକି ?

ଙ) ଗୋପାଳବାବୁ ବୁଢ଼ାକୁ ଗାଳି କଲେ କାହିଁକି ?

ନମୁନା ପ୍ରଶ୍ନର ଉତ୍ତର – ୧

ପ୍ରଥମ ସାମୟିକ ପରୀକ୍ଷା (୨୦୨୩ -୨୦୨୪ )

**MARKING SCHEME**

| QSTN NO | KEY POINTS /VALUE POINTS | MARKS ALLOTED | FULL MARKS | PAGE NO. OF NCERT TEXT BOOK/ EXAMPLAR |
|---|---|---|---|---|
| 1 | କ) ଧ୍ୟାନଚାନ୍ଦ, ଖ) ଚାନ୍ଦିନୀ ରାତିରେ ଅଭ୍ୟାସ କରିବାର ନିଶା ପାଇଁ ସାଥୀ ଖେଳାଳୀମାନେ ନାଁ ରଖିଥିଲେ ଧ୍ୟାନଚାନ୍ଦ ।ଗ) ଭାରତୀୟ ହକିର ପ୍ରବାଦ ପୁରୁଷ ଧ୍ୟାନଚାନ୍ଦଙ୍କ ସମ୍ମାନାର୍ଥେ ତାଙ୍କ ଜନ୍ମଦିବସ ଅର୍ଥାତ୍ ଅଗଷ୍ଟ ୨୯ ତାରିଖକୁ ଘ) ୫୭୦ ଗୋଲ୍ ଙ) ସ୍ୱାଧୀନ | ୧ +୧ +୧ +୧ +୧ | ୫ | ବାହ୍ୟ ସ୍ରୋତ |
| 2 | ଅନୁଚ୍ଛେଦରେ ପ୍ରସଙ୍ଗର ଅବତାରଣା, ଯଥାଯଥ ଉପସ୍ଥାପନା, ସମାପ୍ତିସୂଚକ ଅଂଶ ଆଦି ବିଚାରକୁ ନେଇ ୫ ଅଙ୍କ ଦିଆଯାଇ ପାରିବ \| | | ୫ | |
| 3 | କ ) i)ଓଡ଼ିଆ ଭାଷାରେ ସ୍ୱର ବର୍ଣ୍ଣର ସଂଖ୍ୟା ୧୧ ।<br>ii) ଓଡ଼ିଆ ଭାଷାରେ ବ୍ୟଞ୍ଜନ ବର୍ଣ୍ଣର ସଂଖ୍ୟା ୩୯ iii) ବ୍ୟଞ୍ଜନ ବର୍ଣ୍ଣକୁ ୨ ଭାଗରେ ବିଭକ୍ତ କରାଯାଇଛି -ବର୍ଗ୍ୟ ବ୍ୟଞ୍ଜନ , ଅବର୍ଗ୍ୟ ବ୍ୟଞ୍ଜନ<br>ଖ) i) ଆଚାର୍ଯ୍ୟ – ପୁଂଲିଙ୍ଗ<br>ii) ନଈ ଗୁଡ଼ାକ – ବହୁବଚନ<br>iii) ଆପଣ- ଦ୍ୱିତୀୟ ପୁରୁଷ<br>ଗ) i ) ସାପ ii) ଘରଣୀ<br>iii) ମଥା iv) ନାଟ | ୧ +୧ +୧<br><br><br><br><br>୧ +୧ +୧<br><br>୧ +୧<br>+୧+୧ | ୩<br><br><br><br><br>୩<br><br>୪ | ଆମ ବ୍ୟାକରଣ (ଅଷ୍ଟମ ଶ୍ରେଣୀ) ପ୍ରକାଶକ – ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା |
| 4 | କବି / ଲେଖକଙ୍କ ପରିଚୟ ପ୍ରଦାନ ସହିତ ବର୍ଣ୍ଣନା ଓ ଲିଖନକୁ ଆଧାର କରି ପୂର୍ଣ୍ଣ ଅଙ୍କ ପ୍ରଦାନ କରାଯିବ । | | ୫ | ସାହିତ୍ୟିକା (ଅଷ୍ଟମ ଶ୍ରେଣୀ) ପ୍ରକାଶକ – ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା |
| 5 | କ)ସୁଦର୍ଶନ ପ୍ରହରାଜ ଜଣେ ମହାନ୍ ଦେଶ ସେବକ ଥିଲେ । ସେ ଜଣେ ବଳିଷ୍ଠ,କର୍ମଠ,ଓ ପରଦୁଃଖକାତର ବ୍ୟକ୍ତି ଥିଲେ । ସେ ଗାଁ ଗାଁ ବୁଲି ଅସହାୟ ଲୋକମାନଙ୍କର ସେବା କରୁଥିଲେ । | ୨ +୨ +୨ | ୬ | ସାହିତ୍ୟିକା (ଅଷ୍ଟମ ଶ୍ରେଣୀ) ପ୍ରକାଶକ – ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା |

| | | | | |
|---|---|---|---|---|
| | ଖ) ସୁଜନମାନେ ନିଃସ୍ୱାର୍ଥପର ଭାବରେ ପରର ଉପକାର କରନ୍ତି । ସେମାନେ କାହାକୁ ନିରାଶ ନ କରି ସମସ୍ତଙ୍କୁ ସାହାଯ୍ୟ କରନ୍ତି \| ଠିକ୍ ସେହିପରି ବୃକ୍ଷ ମଧ୍ୟ କାହାକୁ ନିରାଶ କରେ ନାହିଁ \| ତା'ର କାଠ ,ଫଳ,ଫୁଲ,ଭସ୍ମ ,ପତ୍ର,ବଲ୍କଳ ଆଦି ସବୁ କିଛି ଦେଇ ସେ ପରର ଉପକାର କରେ \| ତେଣୁ ବୃକ୍ଷକୁ ସୁଜନଙ୍କ ସହିତ ତୁଳନା କରାଯାଇଅଛି ।<br><br>ଗ) ସତ୍ୟବାଦୀ ସ୍କୁଲରେ ରୋଗୀସେବା ପାଠ୍ୟର ଗୋଟାଏ ଅଙ୍ଗ ଥିଲା । ମାନବ ସେବାକୁ ମାଧବଙ୍କ ସେବା ବୋଲି ଗ୍ରହଣ କରି ସେଠାରେ ପିଲାମାନଙ୍କୁ ରୋଗୀସେବା ଶିକ୍ଷା ଦିଆଯାଉଥିଲା । ପ୍ରତ୍ୟକ୍ଷ ଜ୍ଞାନ ହାସଲ କରି ଛାତ୍ରମାନେ ଛାତ୍ରାବାସରେ ସେବାକାର୍ଯ୍ୟ , ଘରେ ପିତାମାତାଙ୍କର ସେବାକାର୍ଯ୍ୟ , ପୁରୀରେ ରଥଯାତ୍ରା ପାଇଁ ସମାଗମ ହେଉଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କର ସେବାକାର୍ଯ୍ୟକୁ ତୁଲାଇ ପାରୁଥିଲେ \| ଏହା ଛଡ଼ା ପରବର୍ତ୍ତୀ ଜୀବନରେ ରୋଗୀସେବାକୁ ଜୀବନର ବ୍ରତ ରୂପେ ମଧ୍ୟ ଗ୍ରହଣ କରୁଥିଲେ \| | | | |
| 6 | କ) ଜଗନ୍ନାଥଦାସ, ଖ) ଶ୍ରୀକୃଷ୍ଣ<br>ଗ) ଅଳକା ଆଶ୍ରମ ପାଖରେ ଘ) ସତ୍ୟବାଦୀ ସ୍କୁଲରୁ | ୧ +୧ +୧+୧ | ୪ | ସାହିତ୍ୟିକା (ଅଷ୍ଟମ ଶ୍ରେଣୀ)<br>ପ୍ରକାଶକ – ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା |
| **7** | କ)ଅତି କଷ୍ଟରେ ....<br>ଖ)ମହ୍ରାମପୁର ପୋଷ୍ଟ ଅଫିସ....<br>ଗ) ହରି ସିଂହଙ୍କର ଉପରିସ୍ଥ ହାକିମମାନଙ୍କ ମନ ତୁଷ୍ଟି ପାଇଁ କାମ ଦେଖି .....<br>ଘ)ହାକିମ ହୋଇଯିବାରୁ ଗୋପାଳ ବାବୁ ବାପାଙ୍କୁ ଘୃଣା........<br>ଙ) ଗୋପାଳ ବାବୁଙ୍କ ଜିନିଷପତ୍ର ଧରି ଡେରିରେ ପହଞ୍ଚିବାରୁ..... | ୧ +୧ +୧+୧ +୧ | ୫ | ସାହିତ୍ୟିକା (ଅଷ୍ଟମ ଶ୍ରେଣୀ)<br>ପ୍ରକାଶକ – ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା |

ପୂର୍ଣ୍ଣାଙ୍କ ୪୦